# NATIONAL NEWS BULLETIN (ODIA)

**3 October - 2024**

**Morning Bulletin : 7.15 a.m.**

******************************

## ମୁଖ୍ୟ ସମ୍ବାଦ

- ହରିଆଣା ବିଧାନସଭା ନିର୍ବାଚନ ନିମନ୍ତେ ଆଜି ଶେଷ ହେବ ପ୍ରଚାର କାର୍ଯ୍ୟ, ଅକ୍ଟୋବର ୫ରେ ମତଦାନ ।
- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେଉଛି ଭାରତୀୟ ନୌସେନାର ବାର୍ଷିକ ଶୀର୍ଷସ୍ତରୀୟ ଆନ୍ତର୍ଜାତିକ ସମ୍ମିଳନୀ
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମିଳିଥିବା ଉପହାର ଗୁଡ଼ିକର ଇ-ନିଲାମି ସମୟସୀମା ଅକ୍ଟୋବର ୩୧ ଯାଏଁ ବୃଦ୍ଧି ।
- ମଧ୍ୟପ୍ରାଚ୍ୟ ଅଞ୍ଚଳରେ ସଂଘର୍ଷ ଓ ଯୁଦ୍ଧ ପରିସ୍ଥିତି ଯୋଗୁଁ ବିମାନ ଯାତ୍ରା ବହୁଳ ଭାବରେ ପ୍ରଭାବିତ

ଏବଂ

- ୟୁଏଇର ସାରଜାଠାରେ ଆଜିଠାରୁ ଆରମ୍ଭ ହେବ ଆଇସିସି ନବମ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ।

## ହରିଆଣା କ୍ୟାମ୍ପେନ୍

ହରିଆଣା ବିଧାନସଭା ନିର୍ବାଚନ ନିମନ୍ତେ ଆଜି ପ୍ରଚାର କାର୍ଯ୍ୟ ଶେଷ ହେବ । ଆସନ୍ତା ଶନିବାର ୯୦ ଆସନ ବିଶିଷ୍ଟ ହରିଆଣା ବିଧାନସଭା ଲାଗି ଗୋଟିଏ

ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ । ଅକ୍ଟୋବର ୮ରେ ଜାମ୍ମୁ କାଶ୍ମୀର ସହିତ ହରିଆଣା ନିମନ୍ତେ ଭୋଟ୍ ଗଣତି କରାଯିବ । ଇତିମଧ୍ୟରେ ନିର୍ବାଚନ ଆୟୋଗ ଅକ୍ଟୋବର ୫ ତାରିଖ ସନ୍ଧ୍ୟା ୬ଟା ୩୦ ମିନିଟ୍ ପର୍ଯ୍ୟନ୍ତ ହରିଆଣା ବିଧାନସଭା ନିର୍ବାଚନ ନିମନ୍ତେ ଏକ୍‌ଜିଟ୍ ପୋଲ୍ ଉପରେ ନିଷେଧାଦେଶ ଜାରି କରିଛନ୍ତି । ଏହି ନିଷେଧାଦେଶ ଅନୁଯାୟୀ ଛାପା, ଇଲେକ୍‌ଟ୍ରୋନିକ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଏକ୍‌ଜିଟ୍ ପୋଲ୍ ପ୍ରକାଶ କରାଯିବ ନାହିଁ । ନିୟମ ଉଲ୍ଲଂଘନ କଲେ ଦଣ୍ଡବିଧାନ ସହ ଆର୍ଥିକ ଜୋରିମାନା ବ୍ୟବସ୍ଥା କରାଯାଇଛି ।

## ନୌସେନା ସମ୍ମିଳନୀ

ଭାରତୀୟ ନୌସେନାର ବାର୍ଷିକ ଶୀର୍ଷସ୍ତରୀୟ ଆନ୍ତର୍ଜାତିକ ସମ୍ମିଳନୀ ଭାରତ-ପ୍ରଶାନ୍ତମହାସାଗରୀୟ ଅଞ୍ଚଳ ଆଲୋଚନା ଆଜି ନୂଆଦିଲ୍ଲୀରେ ଆରମ୍ଭ ହେବ । ଏହି ୩ ଦିନିଆ ସମ୍ମିଳନୀର ବିଷୟବସ୍ତୁ ରହିଛି **ଭାରତ-ପ୍ରଶାନ୍ତମହାସାଗରୀୟ ଅଞ୍ଚଳରେ ଭୂରାଜନୀତି ଓ ସୁରକ୍ଷା** । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆସନ୍ତାକାଲି ଏହି ସମ୍ମିଳନୀକୁ ସମ୍ବୋଧନ କରିବେ । ଭାରତୀୟ ନୌସେନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରଣନୈତିକ ସ୍ତରରେ ଅନ୍ୟ ଦେଶଗୁଡ଼ିକ ସହ ଭାରତୀୟ ନୌସେନାର ସଂପର୍କ ନେଇ ଏହି ସମ୍ମିଳନୀରେ ଆଲୋଚନା ହେବ ।

## ପ୍ରେଜ୍-ରାଜସ୍ଥାନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଦୁଇଦିନିଆ ରାଜସ୍ଥାନ ଗସ୍ତରେ ଯିବେ । ଗସ୍ତ କାଳରେ ରାଷ୍ଟ୍ରପତି ଉଦୟପୁରଠାରେ ମୋହନ ଲାଲ୍ ସୁଖାଡ଼ିଆ ବିଶ୍ୱବିଦ୍ୟାଳୟର ୩୨ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ । ରାଷ୍ଟ୍ରପତି

ଆସନ୍ତାକାଲି ମାଉଣ୍ଟଆବୁ ଠାରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଏକ ସମ୍ମିଳନୀରେ ଯୋଗଦେବେ । ଏହା ବ୍ୟତୀତ ରାଷ୍ଟ୍ରପତି ରାଜସ୍ଥାନ ସରକାରଙ୍କ ଦ୍ୱାରା ଆୟୋଜିତ ଆଦିଗୌରବ ସମ୍ମାନ ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଅମିତ ଶାହା-ଗୁଜରାଟ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଗୁଜରାଟ ଗସ୍ତରେ ଯିବେ । ସେ ନିଜ ସଂସଦୀୟ ଆସନ ଗାନ୍ଧିନଗରରେ କେତେକ ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ଶାହା ଅହ୍ମଦାବାଦ ମହାନଗର ନିଗମ ଅଧୀନରେ ୪୪୬ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଅହମ୍ମଦାବାଦର ସାନନ୍ଦ ଠାରେ ଶ୍ରୀ ଶାହା କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେବା ସହ ସାହିବାଗରେ ଅହମ୍ମଦାବାଦ ପୋଲିସ କମିଶନରଙ୍କ ନବନିର୍ମିତ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବେ । ଆଜି ସନ୍ଧ୍ୟାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଗୁଜରାଟ ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ନବରାତ୍ରି ଯାତ୍ରାର ଶୁଭାରମ୍ଭ କରିବେ । ଅହମ୍ମଦାବାଦଠାରେ ହେଉଥିବା ସେହିଭଳି ଅନ୍ୟ ୩ଟି କାର୍ଯ୍ୟକ୍ରମରେ ମଧ୍ୟ ଶ୍ରୀ ଶାହା ଯୋଗଦେବେ ।

ଆସନ୍ତାକାଲି ଶ୍ରୀ ଶାହା ଗାନ୍ଧିନଗର ମହାତ୍ମା ମନ୍ଦିରଠାରେ ଏଡିସି ବ୍ୟାଙ୍କର ୧୦୦ତମ ବାର୍ଷିକୀରେ ଯୋଗଦାନ କରିବେ ।

# ପିଏମ୍‌:ଇ-ଅକ୍ସନ ଡେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମିଳିଥିବା ଉପହାର ଗୁଡ଼ିକର ଇ-ନିଲାମି ସମୟସୀମା ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପୂର୍ବରୁ ଏହି ସମୟସୀମା ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଥିଲା । ଚଳିତବର୍ଷ ଷଷ୍ଠ ନିଲାମି ପ୍ରକ୍ରିୟା ଚାଲିଛି । ନିଲାମି ଅର୍ଥ ନମାମି ଗଙ୍ଗେ ପାଣ୍ଠିକୁ ଯାଉଥିବାରୁ ସରକାର ଅଧିକରୁ ଅଧିକ ଲୋକେ ଏହି ପ୍ରକ୍ରିୟାରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି । ନିଲାମି ପ୍ରକ୍ରିୟାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ପିଏମ୍ ମେମେଣ୍ଟୋଜ୍ ଡଟ୍ ଜିଓଭି ଡଟ୍ ଇନ୍ ୱେବ୍‌ସାଇଟ୍‌ରେ ପଞ୍ଜୀକରଣ କରି ପାରିବେ । ଚଳିତବର୍ଷ ପ୍ରାୟ ୬୦୦ଟି ଉପହାର ଇ-ନିଲାମି ପାଇଁ ରହିଛି । ଏଥିରେ ବିଭିନ୍ନ କଳାକୃତି, ମନ୍ଦିର ମଡେଲ୍, ହିନ୍ଦୁ ଦେବାଦେବୀଙ୍କ ମୂର୍ତ୍ତି ରହିଥିବା ଜଣାପଡ଼ିଛି ।

# ଫ୍ଲାଇଟ୍-ଆଫେକ୍ଟେଡ୍

ବିଶ୍ୱର ମଧ୍ୟପ୍ରାଚ୍ୟ ଅଞ୍ଚଳରେ ସଂଘର୍ଷ ଏବଂ ଯୁଦ୍ଧ ପରିସ୍ଥିତି ବୃଦ୍ଧି ପାଉଥିବାରୁ ବିଶ୍ୱସ୍ତରରେ ବିମାନ ଯାତ୍ରା ବହୁଳ ଭାବରେ ପ୍ରଭାବିତ ହେଉଛି । ବିଶ୍ୱସ୍ତରରେ ବିମାନ ଉଡ଼ାଣ ସଂପର୍କରେ ସମୀକ୍ଷା କରୁଥିବା ସଂସ୍ଥା ଫ୍ଲାଇଟ୍ ରାଡାର ଟ୍ୱେଣ୍ଟି ଫୋର୍ ର ସୂଚନା ଅନୁଯାୟୀ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆକ୍ରମଣ ପ୍ରତିଆକ୍ରମଣ ଲାଗିରହିଥିବାରୁ ବିମାନ କମ୍ପାନୀଗୁଡ଼ିକ ବିମାନ ଉଡ଼ାଣ ସମୟରେ ମାର୍ଗ ପରିବର୍ତ୍ତନ କରୁଛନ୍ତି ଏବଂ ଅନେକ କ୍ଷେତ୍ରରେ ଉଡ଼ାଣ ରଦ୍ଦ

କରୁଛନ୍ତି । ଲେବାନନ୍, ଇସ୍ରାଏଲ୍ ଏବଂ କୁଏତର ଅନେକ ବିମାନ ବନ୍ଦରରୁ ବିମାନ ଉଡ଼ାଣ ଓ ଅବତରଣ ପ୍ରକ୍ରିୟା ପରିଚାଳନା ନିମନ୍ତେ ବିଳମ୍ବ ଘଟୁଛି ।

ୟୁରୋପୀୟ ସଂଘ ବିମାନ ସୁରକ୍ଷା ସଂସ୍ଥା ପକ୍ଷରୁ ସମସ୍ତ ୟୁରୋପୀୟ ବିମାନ କମ୍ପାନୀ ଗୁଡ଼ିକୁ ଇରାନ ଆକାଶ ପଥଠାରୁ ଦୂରେଇ ରହିବା ଲାଗି କୁହାଯାଇଛି । ମଙ୍ଗଳବାର ଦିନ ଇସ୍ରାଏଲ୍ ଉପରେ ଇରାନର କ୍ଷେପଣାସ୍ତ୍ର ଆକ୍ରମଣ ପରେ ଇସ୍ରାଏଲ୍ ଦ୍ୱାରା ଆକ୍ରମଣ ଘୋଷଣା ପରେ ବିମାନ ସୁରକ୍ଷା ସଂସ୍ଥା ଏହି ପରାମର୍ଶ ଜାରି କରିଛି । ଇରାନର ଆକାଶ ପଥରେ ଆଦୌ ଉଡ଼ାଣ ନ କରିବା ଲାଗି ବିମାନ କମ୍ପାନୀଗୁଡ଼ିକୁ କୁହାଯାଇଛି । ଏଭଳି ପରିସ୍ଥିତି ଯୋଗୁଁ ଦୁବାଇ ଆନ୍ତର୍ଜାତିକ ବିମାନ ବନ୍ଦରରୁ ୮୫ ପ୍ରତିଶତ ଉଡ଼ାଣ ବିଳମ୍ବିତ ହୋଇଛି ।

## ଖଦୀ ବେତନ ବୃଦ୍ଧି

ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ସୂତା କାଟୁଥିବା କର୍ମଚାରୀଙ୍କ ଦରମା ୨୫ ପ୍ରତିଶତ ଏବଂ ବୁଣାକାରଙ୍କ ଦରମା ୭ ପ୍ରତିଶତ ବୃଦ୍ଧି କରିଛନ୍ତି । ଗତକାଲିଠାରୁ ବର୍ଦ୍ଧିତ ଦରମା ଲାଗୁ ହୋଇଛି । ଗତମାସ ୧୭ ତାରିଖରେ ବେତନ ବୃଦ୍ଧି ସଂକ୍ରାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଖଦୀ ଓ ଗ୍ରାମୋଦ୍ୟୋଗ କମିଶନ ଅଧ୍ୟକ୍ଷ ମନୋଜ କୁମାର କହିଛନ୍ତି  ଗତ ୧୦ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମୟରେ ଖଦୀ ଉଦ୍ୟୋଗରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଦରମା ୨୧୩ ପ୍ରତିଶତ ବୃଦ୍ଧି କରାଯାଇଛି । ସେ କହିଛନ୍ତି ଖଦୀ ଉତ୍ପାଦିତ ଦ୍ରବ୍ୟ ଉପରେ ୨୦ ପ୍ରତିଶତ ଏବଂ ଗ୍ରାମୋଦ୍ୟୋଗ ଉତ୍ପାଦିତ ଦ୍ରବ୍ୟ ଉପରେ ୧୦ ପ୍ରତିଶତ ରିହାତି ପ୍ରଦାନ କରାଯାଉଛି । ଆସନ୍ତା ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଏହି ରିହାତି ପ୍ରଦାନ କରାଯିବ ବୋଲି ସେ କହିଛନ୍ତି ।

# ଝାଡ଼ଖଣ୍ଡ-ବିଜେପି ମାନିଫେଷ୍ଟୋ

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ନିମନ୍ତେ ଆଜି ବିଜେପି ପଞ୍ଚସୂତ୍ରୀ ନିର୍ବାଚନୀ ଇସ୍ତାହାର ପ୍ରକାଶ କରିବ । ରାଞ୍ଚିରେ ସମ୍ବାଦଦାତାମାନଙ୍କ ସହ ଆଲୋଚନାବେଳେ ଆସାମ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ଯୁଗ୍ମ ଦାୟିତ୍ୱରେ ଥିବା ହିମନ୍ତ ବିଶ୍ୱଶର୍ମା କହିଛନ୍ତି ଦଳର ନିର୍ବାଚନୀ ଇସ୍ତାହାର ପର୍ଯ୍ୟାୟକ୍ରମେ ପ୍ରକାଶ ପାଇବ । ସେ କହିଛନ୍ତି ଝାଡ଼ଖଣ୍ଡ ରାଜ୍ୟର ୨୫ ବର୍ଷ କାର୍ଯ୍ୟକାଳକୁ ଦୃଷ୍ଟିରେ ରଖି ବିଜେପି ୨୫ଟି ନିର୍ବାଚନୀ ଇସ୍ତାହାର ପ୍ରକାଶ କରିବ । ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ଆସୁଥିବାରୁ ଦଳ ରାଜ୍ୟର ବିକାଶ ନିମନ୍ତେ ୧୫୦ଟି ପ୍ରତିବଦ୍ଧତା ନେଇ ଲୋକମାନଙ୍କ ପାଖକୁ ଯିବ । ୮୧ ସଦସ୍ୟ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭା ନିମନ୍ତେ ଚଳିତବର୍ଷ ଶେଷଆଡ଼କୁ ନିର୍ବାଚନ ହେବ ।

# ହରିକେନ୍-ହେଲେନ୍

ଆମେରିକାରେ ଘୂର୍ଣ୍ଣିଝଡ଼ **ହେଲେନ୍** ପ୍ରଭାବରେ ମୃତ୍ୟୁସଂଖ୍ୟା ୧୮୩କୁ ବୃଦ୍ଧି ପାଇଛି । ଦକ୍ଷିଣ-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଏହି ଘୂର୍ଣ୍ଣିଝଡ଼ ଯୋଗୁଁ ୧୦୦ରୁ ଅଧିକ ଲୋକ ନିଖୋଜ ଥିବା ଜଣାପଡ଼ିଛି । ଉତ୍ତର କାରୋଲିନାରେ ୯୦ ଜଣଙ୍କର ମୃତ୍ୟୁ ଘଟିଛି । ଘୂର୍ଣ୍ଣିଝଡ଼ ପରେ ବିଦ୍ୟୁତ୍ ସଂଯୋଗ ପୁନରୁଦ୍ଧାର କରାଯାଇଥିଲେ ମଧ୍ୟ ଫ୍ଲୋରିଡାରୁ ଭର୍ଜିନିଆ ମଧ୍ୟରେ ପ୍ରାୟ ଦେଢ଼ ମିଲିୟନ୍‌ରୁ ଅଧିକ ଲୋକ ଏବେ ମଧ୍ୟ ଅନ୍ଧାରରେ ରହିଛନ୍ତି । ଆଜି ରାଷ୍ଟ୍ରପତି ଜୋ ବାଇଡେନ୍ ଉତ୍ତର କାରୋଲିନା ଗସ୍ତ କରିବେ । ଇତିମଧ୍ୟରେ ଶ୍ରୀ ବାଇଡେନ୍ ୧ ହଜାରରୁ ଅଧିକ ପ୍ରତିରକ୍ଷା ବିଭାଗ କର୍ମଚାରୀଙ୍କୁ ଉତ୍ତର

କାରୋଲିନାରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ନିୟୋଜିତ କରିଛନ୍ତି । ଉପରାଷ୍ଟ୍ରପତି କମଳା ହାରିସ୍ ମଧ୍ୟ ଆଜି ପ୍ରଭାବିତ ଅଞ୍ଚଳ ଗସ୍ତ କରିବେ । ଗତକାଲି ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ଜର୍ଜିଆ ଗସ୍ତ କରିଥିଲେ ।

# ଇସ୍ରାଏଲ୍-ମିଶାଇଲ୍ ଆଟାକ୍

ଇରାନର କ୍ଷେପଣାସ୍ତ୍ର ଆକ୍ରମଣରେ ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀର କେତେକ ଏୟାରବେସ୍ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ଆଇଡିଏଫ୍ ପକ୍ଷରୁ କୁହାଯାଇଛି ସଂପୃକ୍ତ ଏୟାରବେସ୍ ଗୁଡ଼ିକ କାର୍ଯ୍ୟକ୍ଷମ ରହିଛି ଏବଂ ଇସ୍ରାଏଲ୍‌ର ଆକାଶମାର୍ଗରୁ ଚାଲିଥିବା ଆକ୍ରମଣ ଉପରେ କୌଣସି ପ୍ରଭାବ ପଡ଼ିନାହିଁ । ସୂଚନା ଅନୁଯାୟୀ ଇରାନର ମିଶାଇଲ୍ ମାଡ଼ରେ ଇସ୍ରାଏଲ୍ ଏୟାରବେସ୍‌ରେ ଥିବା କାର୍ଯ୍ୟାଳୟ ଓ ମରାମତି କେନ୍ଦ୍ର ସାମାନ୍ୟ କ୍ଷତିଗ୍ରସ୍ତ ହୋଇଛି । ତେବେ ଫାଇଟର୍ ଜେଟ୍, ଡ୍ରୋନ୍ ଏବଂ ଅନ୍ୟାନ୍ୟ ଯୁଦ୍ଧ ବିମାନ କ୍ଷତିଗ୍ରସ୍ତ ହୋଇନଥିବା ଆଇଡିଏଫ୍ କହିଛି । ଇରାନର ଏହି ଆକ୍ରମଣର ଜବାବରେ ଇସ୍ରାଏଲ୍ ବାୟୁସେନା ହିଜିବୁଲ୍ଲା ଉପରେ ଆକ୍ରମଣ ଜୋରଦାର କରିଛି ।

ଇତିମଧ୍ୟରେ ଇରାନ ରାଷ୍ଟ୍ରପତି କହିଛନ୍ତି ଇରାନ ଯୁଦ୍ଧ ଚାହେଁନାହିଁ, କିନ୍ତୁ ଇସ୍ରାଏଲ୍ ଆକ୍ରମଣର ଉଚିତ ଜବାବ ଦେବା ଲାଗି ପ୍ରସ୍ତୁତ ଅଛି । ଗତକାଲି ଏକ ସାମ୍ବାଦିକ ସମ୍ମିଳନୀରେ ଇରାନ ରାଷ୍ଟ୍ରପତି କହିଛନ୍ତି ଯଦି ଇସ୍ରାଏଲ୍

ଜବାବ ଚାହୁଁଛି, ସେ କ୍ଷେତ୍ରରେ କଡ଼ା ଜବାବ ଦିଆଯିବ ବୋଲି ଇସ୍‌ଲାମିକ ରାଷ୍ଟ୍ରଗୁଡ଼ିକ ଚାହୁଁଛନ୍ତି ।

# ଶ୍ରୀଲଙ୍କା ଆଇଏମ୍‌ଏଫ୍

ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ସହଯୋଗରେ ଶ୍ରୀଲଙ୍କାରେ ଚାଲିଥିବା ଯୋଜନାଗୁଡ଼ିକର କାର୍ଯ୍ୟକାରିତା ସମୀକ୍ଷା ନିମନ୍ତେ ଆଇଏମ୍‌ଏଫ୍‌ର ଏକ ପ୍ରତିନିଧି ଦଳ ଶ୍ରୀଲଙ୍କା ଗସ୍ତ କରିଛନ୍ତି । ଉଭୟ ପ୍ରତିନିଧି ଦଳ ଏବଂ ଶ୍ରୀଲଙ୍କାର ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ବିଭିନ୍ନ ଯୋଜନାର ସମୀକ୍ଷା ସମେତ ଅଗ୍ରଗତି ନେଇ ଆଲୋଚନା ହୋଇଛି । ଏହି ଆଲୋଚନାକାଳରେ ଆଇଏମ୍‌ଏଫ୍ ପ୍ରଦାନ କରିବାକୁ ଥିବା ପରବର୍ତ୍ତୀ କିସ୍ତି ପ୍ରଦାନ ନିମନ୍ତେ କଥାବାର୍ତ୍ତା ହୋଇଥିବା ଜଣାପଡ଼ିଛି । ଶ୍ରୀଲଙ୍କାରେ ଚାଲିଥିବା ବିଭିନ୍ନ ଯୋଜନାର ସଫଳତାକୁ ଆଇଏମ୍‌ଏଫ୍‌ର ପ୍ରତିନିଧି ମଣ୍ଡଳୀ ପ୍ରଶଂସା କରିଛନ୍ତି । ଗତ ନିର୍ବାଚନରେ ନୂତନ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଅନୁରା କୁମାରା ଦିଶାନାୟକେ ଆଇଏମ୍‌ଏଫ୍ ସହ ହୋଇଥିବା ବୁଝାମଣା ସଂପର୍କରେ ପୁଣି ଥରେ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲେ ।

# ଆଇସିସି ମହିଳା ଟି-୨୦ ବିଶ୍ୱକପ୍

ୟୁଏଇ ର ସାରଜା ଠାରେ ଆଜିଠାରୁ ଆଇସିସି ନବମ ମହିଳା ଟ୍ୱେଣ୍ଟି ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ଆରମ୍ଭ ହେବ । ପ୍ରଥମ ମ୍ୟାଚ୍ ବାଙ୍ଗଲାଦେଶ ଏବଂ ସ୍କଟଲ୍ୟାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ । ଆସନ୍ତା ଶୁକ୍ରବାର ଦିନ ଭାରତ ନିଉଜିଲ୍ୟାଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବ । ଗତକାଲି ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ କ୍ୟାପଟେନ୍ସ ଡେ କାର୍ଯ୍ୟକ୍ରମରୁ ଏହାର ଆରମ୍ଭ

ହୋଇଛି, ଯେଉଁଥିରେ ୧୦ଟି ଟିମ୍‌ର ଖେଳାଳିମାନେ ପଡ଼ିଆରେ ଉପସ୍ଥିତ ଥିଲେ । ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୦ଟି ଟିମ୍ ଭାଗ ନେଉଛନ୍ତି । ଆସନ୍ତା ରବିବାର ଭାରତ ଏବଂ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଗ୍ରୁପ୍-ଏ ରେ ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲ୍ୟାଣ୍ଡ, ପାକିସ୍ତାନ ଏବଂ ଶ୍ରୀଲଙ୍କା ଥିବା ବେଳେ ଗ୍ରୁପ୍-ବି ରେ ବାଂଲାଦେଶ, ଇଂଲଣ୍ଡ, ସ୍କଟଲ୍ୟାଣ୍ଡ, ଦକ୍ଷିଣ ଆଫ୍ରିକା ଏବଂ ୱେଷ୍ଟଇଣ୍ଡିଜ୍ ଦଳ ଅଛନ୍ତି ।